# ତହସିଲଦାରଙ୍କୁ ବିଦାୟ ସମ୍ବର୍ଦ୍ଧନା



ରାମନାଗୁଡ଼ା, ୯।୧୧ (ସଞ୍ଜୟ ପ୍ରଧାନ)

ରାମନାଗୁଡ଼ା ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ଅଧକ୍ଷ ଗୌରୀ ପ୍ରସାଦ ପଣ୍ଡାଙ୍କ ଅଧକ୍ଷତାରେ ତହସିଲଦାର ନିର୍ମଳ ଚନ୍ଦ୍ର ସାହୁଙ୍କ ଏକ ବିଦାୟକାଳୀନ ସଭା ଆୟୋଜନ କରାଯାଇଛି। ଏହି ବୈଠକରେ ବିଦ୍ୟାଳୟ ର ସମସ୍ତ ଛାତ୍ର ଛାତ୍ରୀ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ସ୍ମିତାରାଣୀ ତୁଳ ଶିକ୍ଷକ ନାନାଜି ମଣ୍ଡାଙ୍ଗୀ, ଦିଲୀପ ରାଉତ, ସରୋଜ ଲିମା, ଆଲୋକ ମିଶ୍ର, ରଞ୍ଜିତା ସାହୁ ତହସିଲଦାରଙ୍କ ଅନୁଷ୍ଠାନ ପ୍ରତି ଥିବା ଅବଦାନ ଓ ସ୍ନେହ ସମ୍ପର୍କରେ ମତ ଦେଇଥିଲେ। ତହସିଲଦାର ଅନୁଷ୍ଠାନର ଅଂଶ ବୋଲି ବରିଷ୍ଠ ଶିକ୍ଷକ ମୃତ୍ୟୁଞ୍ଜୟ ଶତପଥୀ କହିଥିଲେ। ସେ ସ୍କୁଲକୁ ଖେଳ ପଡ଼ିଆ ସହ ମୋଟ ୨ ଏକର ୪୦ସେଣ୍ଟ ଜମି ଦେଇଥିବାରୁ ସମସ୍ତେ ଧନ୍ୟବାଦ ଦେଇଥିଲେ। ଅଧକ୍ଷ ବିଦାୟୀ ତହସିଲଦାରଙ୍କୁ ଓ ସମ୍ବର୍ଦ୍ଧିତ କରିଥିଲେ।

# କୋରାପୁଟରେ ମୃତଦେହ ବ୍ୟବଚ୍ଛେଦ

■ ଚନ୍ଦ୍ରଗିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ର ମୃତ୍ୟୁ ଘଟଣା
■ ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ

ରାୟଗଡ଼ା/କାଶୀପୁର/ଟିକିରି, ୯।୧୧ (ଆଶିଷ ରଞ୍ଜନ ପଣ୍ଡା/ମୋହନ ନାଏକ/ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ଥାନା ଅନ୍ତର୍ଗତ ଚନ୍ଦ୍ରଗିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀ ଛାତ୍ର ମୃତ୍ୟୁ ଘଟଣାରେ ସନ୍ଦେହ ହେବାରୁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ମୃତଦେହ ବ୍ୟବଚ୍ଛେଦ ବଦଳରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାଏକ ମେଡିକାଲରେ ବ୍ୟବଚ୍ଛେଦ କରାଯାଇଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ବ୍ୟବଚ୍ଛେଦ ପରେ ଛାତ୍ର ଖଗେଶ୍ୱର ଝୋଡ଼ିଆ ଆତ୍ମହତ୍ୟା କରିଥିବା ନେଇ ଡାକ୍ତର ବ୍ୟବଚ୍ଛେଦ ପରେ ଜାଣିବାକୁ ପାଇଥିବା ସୂଚନା ମିଳିଛି । ତେବେ ରିପୋର୍ଟ ଆସିବା ପରେ ପ୍ରକୃତ ସତ୍ୟ ଜଣାପଡ଼ିବ ବୋଲି ପୋଲିସ ସୂଚନା ଦେଇଛି । ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି । ପରେ ସତ୍କାର କରାଯାଇଥିବା ଏସ୍‌ଡିପିଓ ରଶ୍ମିରଞ୍ଜନ ସେନାପତି ସୂଚନା ଦେଇଛନ୍ତି।



କାଶୀପୁରକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ନେଇଥିବା ବେଳେ ଗ୍ରାମବାସୀ ଓ ପରିବାର ଲୋକଙ୍କ ବିରୋଧ ।

ତେବେ ଏଠି ପ୍ରଶ୍ନ ଉଠୁଛି କେଉଁ କାରଣରୁ ଜଣେ ୧୦ ବର୍ଷର ଶିଶୁ ଆତ୍ମହତ୍ୟା କଲେ । ସେ ଦଶହରା ଓ ଦୀପାବଳି ଛୁଟି ସାରି ସ୍କୁଲକୁ ଫେରି ୫ ଦିନ ବିତି ଯାଇଥିଲେ ମଧ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ଓ ପ୍ରଧାନ ଶିକ୍ଷୟିତ୍ରୀ କିଭଳି ଖଗେଶ୍ୱରଙ୍କ ମାନସିକ ସ୍ଥିତି ବିଷୟରେ କୌଣସି ସୂଚନା ରଖିପାରିଲେ ନାହିଁ । ଏଥିରୁ ସହଜେ ଅନୁମେୟ ହଷ୍ଟେଲରେ ରହୁଥିବା ଛାତ୍ରୀଛାତ୍ରଙ୍କ ମାନସିକ ସ୍ଥିତି ଓ ଅବସ୍ଥା ଜାଣିବା ପାଇଁ ସ୍କୁଲ କର୍ତ୍ତୃପକ୍ଷ ନିୟମିତ କୌଣସି ଯାଞ୍ଚ କରୁନାହାନ୍ତି କିମ୍ବା ପିଲାଙ୍କ ସହିତ ଆଲୋଚନା କରୁନାହାନ୍ତି। ଏଭଳିକି ପିଲାମାନେ ହଷ୍ଟେଲରୁ ନିୟମିତ ସ୍କୁଲ ଆସୁଛନ୍ତି କି ନାହିଁ ସେଥିପ୍ରତି କର୍ତ୍ତୃପକ୍ଷ ଧ୍ୟାନ ରଖୁ ନ ଥିବା ଏଥିରୁ ସ୍ପଷ୍ଟ ହୋଇଛି।

ଅନୁସନ୍ଧାନରୁ ଜଣାପଡ଼ିଛି, ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ଦାସ ୪୦ କି.ମି. ବ୍ୟବଧାନରେ ଥିବା ଦୁଇଟି ବିଦ୍ୟାଳୟ ଦାୟିତ୍ୱ କିଭଳି ନିର୍ବାହ କରୁଛନ୍ତି । ସେ ଚନ୍ଦ୍ରଗିରି ସ୍କୁଲର ଦାୟିତ୍ୱରେ ଥିବା ବେଳେ ଟିକିରି ହାଇସ୍କୁଲରେ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁରେ ସମ୍ପୃକ୍ତ ପ୍ରଧାନ ଶିକ୍ଷକ ନିଲମ୍ବିତ ହେବା ପରେ ମନୋରମାଙ୍କୁ ଏହାର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା। ଅନ୍ୟପଟେ ଶୁକ୍ରବାର ଖଗେଶ୍ୱରଙ୍କ ମୃତ୍ୟୁ ହୋଇଥିବା ବେଳେ ଉଭୟ ଜିଲା ଶିକ୍ଷା ବିଭାଗ ଓ ମଙ୍ଗଳ ବିଭାଗ ପକ୍ଷରୁ କୌଣସି ଅଧିକାରୀ ସେଠାକୁ ଆସିନାହାନ୍ତି। ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାଶୀପୁର ଗୋଷ୍ଠୀ ଶିକ୍ଷାଧିକାରୀ ମଧ ଘଟଣାସ୍ଥଳକୁ ଯାଇନଥିବା ଜଣାପଡ଼ିଛି। ଏନେଇ ପୋଲିସ ପକ୍ଷରୁ ଉପଜିଲାପାଳଙ୍କୁ ଅବଗତ ପରେ ବିଭାଗୀୟ ଅଧିକାରୀମାନେ ଶନିବାର ସେଠାରେ ପହଞ୍ଚିଥିଲେ। ମିଳିଥିବା ସୂଚନା ମୁତାବକ ଶନିବାର ଜିଲା ଶିକ୍ଷାଧିକାରୀ ଖଗେଶ୍ୱରଙ୍କ ପରିବାରକୁ ଭେଟି ରେଡକ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିବା ଜଣାପଡ଼ିଛି ।

# ସତ୍ୟ ଗୋପନ ରଖିବା ଉଦ୍ଦେଶ୍ୟରେ ଚତୁରତାର ସହ ଚିଠି: ଏମ୍‌ପି

**ଜିଲାସ୍ତରୀୟ ସମୀକ୍ଷା ବୈଠକରେ ଗଣମାଧ୍ୟମ ଯୋଗଦାନ ଘଟଣା**
■ ଏମ୍‌ପିଙ୍କ ଚିଠିର ଉତ୍ତର ଦେଲା ସୂଚନା ଓ ଲୋକସମ୍ପର୍କ ବିଭାଗ
■ ଗଣମାଧମକୁ ସମସ୍ତ ସରକାରୀ କାର୍ଯ୍ୟକ୍ରମ ଓ ଯୋଜନାର ସୂଚନା ଦେବାକୁ ନିର୍ଦ୍ଦେଶ

ରାୟଗଡ଼ା, ୯।୧୧ (ଆଶିଷ ରଞ୍ଜନ ପଣ୍ଡା)

ଜିଲାସ୍ତରୀୟ ବୈଠକରେ ବସି ଖବର ସଂଗ୍ରହ କରିବାରେ ଗଣମାଧମକୁ ଜିଲା ପ୍ରଶାସନର ବାରଣକୁ ନେଇ କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲାକା ସେପ୍ଟେମ୍ବର ୨୪ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଚିଠି ଲେଖି ଅବଗତ କରିଥିଲେ। ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ବୈଷୟିକ ନିର୍ଦ୍ଦେଶକ ସୁରେନ୍ଦ୍ର ନାଥ ପରିଡା କୋରାପୁଟ ଜିଲାପାଳଙ୍କୁ ଚିଠି ଜରିଆରେ ସୂଚନା ଦେବା ସହିତ ଏହାର ଏକ ନକଲ ଏମ୍‌ପି ଉଲାକାଙ୍କୁ ଦେଇଛନ୍ତି। ଗଣମାଧମକୁ ସମସ୍ତ ସରକାରୀ କାର୍ଯ୍ୟକ୍ରମ ଓ ଯୋଜନାଗୁଡ଼ିକର ସୂଚନା ବିଶେଷ ରୂପେ ପ୍ରଦାନ ଓ ଅବଗତ କରିବାକୁ ଉକ୍ତ ଚିଠିରେ ନିର୍ଦ୍ଦେଶ ରହିଛି। ଯାହା ସେମାନଙ୍କ ସମୀକ୍ଷା ବୈଠକରେ ଯୋଗଦାନର ଇଚ୍ଛାକୁ ପୂରଣ କରିପାରିବ ବୋଲି ଚିଠିରେ ଉଲ୍ଲେଖ ରହିଛି। ତେବେ ଏ ସମ୍ପର୍କରେ ଏମ୍‌ପି ସପ୍ତଗିରି କହିଛନ୍ତି ଯେ, ପୂର୍ବର ବିଜେଡି ସରକାର ଭଳି ବର୍ତ୍ତମାନର ସରକାର ମଧ ଲୋକଲୋଚନକୁ ସତ୍ୟ ଆଣିବାକୁ ଚାହୁଁନାହାନ୍ତି। ସତ୍ୟ ଗୋପନ ରଖିବା ଉଦ୍ଦେଶ୍ୟରେ ଚତୁରତାର ସହିତ ଏହିଭଳି ଚିଠି କରାଯାଇଥିବା ଏମ୍‌ପି କହିଛନ୍ତି। ପାର୍ଲାମେଣ୍ଟ ଓ ବିଧାନସଭାରେ ଆଲୋଚନାକୁ ଲୋକଲୋଚନକୁ ଆଣିବା ପାଇଁ ଗଣମାଧମକୁ ଯୋଗଦାନ ପାଇଁ ଅନୁମତି ମିଳିଛି । ତେବେ ଜିଲାସ୍ତରୀୟ ସମୀକ୍ଷା ବୈଠକରେ କାହିଁକି ମିଳିବନି ବୋଲି ଏମ୍‌ପି ଉଲାକା କହିଛନ୍ତି ।

# ଜିଲାସ୍ତରୀୟ ସୁରଭିରେ ପଦ୍ମପୁର ଗୁଡ଼ିଆବନ୍ଧ ସ୍କୁଲ ପ୍ରଥମ

ପଦ୍ମପୁର, ୯।୧୧ (ପ୍ରଶାନ୍ତ କର)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଗୁଡ଼ିଆବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ପ୍ରଥମ ହୋଇ ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ୧୦ ବ୍ଲକର ସାଂସ୍କୃତିକ ନୃତ୍ୟ ଦଳକୁ ପଛରେ ପକାଇ ଜିଲାସ୍ତରରେ ଉପସ୍ଥିତ ବିଚାରକ ମଣ୍ଡଳୀ ଓ ଅତିଥିମାନଙ୍କ ଗହଣରେ ଓଡ଼ିଆ ଅସ୍ମିତା ବଜାୟ ରଖିବା ନୃତ୍ୟ ପରିବେଷଣ କରିଥିଲେ। ସୂଚନାଯୋଗ୍ୟଯେ, ଜିଲାସ୍ତରୀୟ ଉକ୍ତ କାର୍ଯ୍ୟକ୍ରମରେ ଜିଲା ପ୍ରଶାସନର ପଦାଧିକାରୀଙ୍କ ସହ ପଦ୍ମପୁର ବିଇଓ ହୃଷିକେଶ ରଥ, ଏବିଇଓ ଚନ୍ଦ୍ରସେନ ଲିମା, ବିଦ୍ୟାଳୟର କଳା ଶିକ୍ଷକ ଡି.ଶିବା ଓ ଗାଇଡ୍ ଶିକ୍ଷକ ଶିବ ପ୍ରସାଦ ପଣ୍ଡା, ଶାନ୍ତନୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।




ଜିଲାସ୍ତରୀୟ ସୁରଭି ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ପଦ୍ମପୁର ଗୁଡ଼ିଆବନ୍ଧ ସ୍କୁଲ ପ୍ରତିଯୋଗୀ।

# ରାଷ୍ଟ୍ରୀୟ ଆଇନ ସେବା ଦିବସ ପାଳିତ




ରାୟଗଡ଼ା, ୯।୧୧ (ଆଶିଷ ରଞ୍ଜନ ପଣ୍ଡା)

ଜିଲା ଆଇନ ସେବା ପ୍ରାଧିକରଣ ରାୟଗଡ଼ା ଦ୍ୱାରା ଶନିବାର ରାଷ୍ଟ୍ରୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ଜିଲା ଅଦାଲତ ପରିସରରୁ ଡେଲି ମାର୍କେଟ ପର୍ଯ୍ୟନ୍ତ ଏକ ପ୍ରଭାତଫେରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ଓ ଦୌରା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ସତ୍ୟନାରାୟଣ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୁବ୍ରତ ଆଚାର୍ଯ୍ୟ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା କୋପ୍‌ସୋ ଅଦାଲତ ବିଚାରପତି ଶ୍ୱେତା ମିଶ୍ର, ମହିଳା କୋର୍ଟ ବିଚାରପତି ସସ୍ମିତା ମିଶ୍ର, ରେଜିଷ୍ଟ୍ରାର ସୌମ୍ୟରୂପ ସାହୁ, ସବ୍‌ଜଜ୍ ଆଶିଷ ପଟ୍ଟନାୟକ, ନ୍ୟାୟାଧିକାରୀ ଜ୍ୟୋତିର୍ମୟୀ ଷଡ଼ଙ୍ଗୀ, ଓକିଲ ସଂଘ ସଭାପତି ପଦ୍ମନାଭ ଦାସ, ସମ୍ପାଦକ ବିଶ୍ୱନାଥ ଗନ୍ତାୟତଙ୍କ ସମେତ ଅନେକ ଆଇନଜୀବୀ ଉପସ୍ଥିତ ଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ଷଡ଼ଙ୍ଗୀ ସମସ୍ତଙ୍କୁ ଅଭିବାଦନ ଜଣାଇ ରାଷ୍ଟ୍ରୀୟ ଆଇନ ସେବା ଦିବସ ପାଳନର ଆଭିମୁଖ୍ୟ ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲ।

# ଜାତୀୟ ଆଇନ ସେବା ଦିବସ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଗୁଣପୁର, ୯।୧୧ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ରେଗେଡ଼ାସ୍ଥିତ ଗାୟତ୍ରୀ ବୈଷୟିକ ମହାବିଦ୍ୟାଳୟରେ ଶନିବାର ଜାତୀୟ ଆଇନ ସେବା ଦିବସ ପାଳନ କରାଯାଇଛି। ଏଥିରେ ଗୁଣପୁର ତାଲୁକ ଆଇନସେବା ପ୍ରାଧିକରଣ କମିଟିର ସଭାପତି ତଥା ଏଡିଜେ ଶେଖ ମହମ୍ମଦ କ୍ୱାଇସ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ୧୯୮୭ରେ ଜାତୀୟ ଆଇନ ସେବା ପ୍ରଣୀତ ହୋଇ ତାହା ୧୯୯୫ ନଭେମ୍ବର ୯ରେ ଆଇନରେ ପରିଣତ ହୋଇଥିଲା। ଏହାର ପ୍ରମୁଖ ଉଦ୍ଦେଶ୍ୟ ଦେଶରେ ଆପରାଧ ନିୟନ୍ତ୍ରଣ କରିବା। ଜଣେ ଦୋଷ ନ କରି ଦୋଷୀ ହୋଇପାରିବେ ନାହିଁ। ଏହି ଆଇନ ବିନା ମୂଲ୍ୟରେ ଉପଲବ୍ଧ। ପ୍ରତ୍ୟେକ ଜନସାଧାରଣ ଆଇନର ସହାୟତା ବିନା ମୂଲ୍ୟରେ ପାଇପାରିବେ ବୋଲି ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ କହିଥିଲେ। ସବ୍‌ଜଜ୍ ସନ୍ତୋଷ ମହାପାତ୍ର, ଏସ୍‌ଡିଜେଏମ୍ ବିଜୟଲକ୍ଷ୍ମୀ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ଆଇନ ସେବାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ଉମା ଚରଣ ପଟ୍ଟନାୟକ, ଆଇନଜୀବୀ ରମେଶ ଚନ୍ଦ୍ର ଲିମା, ଅନୁଷ୍ଠାନର ଅଧକ୍ଷ ଅକ୍ଷୟ ଦାସ, ନିର୍ଦ୍ଦେଶକ ସଞ୍ଜୟ ସାହୁ, ପ୍ରିନ୍ସିପାଲ ଡ. କାହ୍ନୁଚରଣ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ। ଆଇନଜୀବୀ ପ୍ରମୋଦ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମସ୍ତ ଅଧ୍ୟାପିକା ଅଧ୍ୟାପକଙ୍କ ସହ ପ୍ରଶାସନିକ ଅଧିକାରୀ ପି. ଭି. କୋଟେଶ୍ୱର ରାଓ, ରାଜୀବ ପଣ୍ଡା, ରବି ଗୌଡ଼ ଏବଂ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

# ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ବିଜ୍ଞାନ ମେଳା

ରାୟଗଡ଼ା, ୯।୧୧ (ଆଶିଷ ରଞ୍ଜନ ପଣ୍ଡା)

ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ଶନିବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ଛାତ୍ରୀଛାତ୍ର ନିଜ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏହି ବିଜ୍ଞାନ ମେଳାରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁମନ୍ତ କୁମାର ମହାରଣା ମୁଖ୍ୟ ଅତିଥି, କିଷାନ ମୋର୍ଚ୍ଚା ସାଧାରଣ ସମ୍ପାଦକ ରାଙ୍ଗାରାଓ କଣ୍ଡାଗରି, ଲକ୍ଷ୍ମୀ ମୋହନ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରିନ୍ସିପାଲ ରମେଶ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ସ୍କୁଲ କର୍ତ୍ତୃପକ୍ଷ ଅତିଥିମାନଙ୍କୁ ସ୍ୱାଗତ କରୁଛନ୍ତି।

# ୨୪ ପ୍ରହର ନାମଯଜ୍ଞ ନେଇ କଳସଯାତ୍ରା

ଗୁଣପୁର, ୯।୧୧ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଜଗନ୍ନାଥ ମନ୍ଦିରରେ ରବିବାର ଅଁଳା ନବମୀରୁ ୨୪ ପ୍ରହର ନାମଯଜ୍ଞ ଆରମ୍ଭ ହେବ। ଏଥିପାଇଁ ଶନିବାର ଅଧିବାସ ଏବଂ କଳସ ଯାତ୍ରା କରାଯାଇଛି। ସଂକୀର୍ତ୍ତନ ମଣ୍ଡଳୀଙ୍କ ସମେତ ଡାମ୍ଫ ବାଦ୍ୟ ସହ ବହୁ ସଂଖ୍ୟକ ଭକ୍ତ ଏକ ବିରାଟ ଶୋଭାଯାତ୍ରାରେ ଜଗନ୍ନାଥ ମନ୍ଦିରରୁ ବାହରି ବଂଶଧାରା ନଦୀକୁ ଯାଇ ଗଙ୍ଗା ଆବାହନ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଏହାପରେ ଶତାଧିକ ମହିଳା କଳଶ ଶୋଭାଯାତ୍ରାରେ ସହର ପରିକ୍ରମା କରି ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ଅଧିବାସ ନୀତି କରାଯାଇଛି। କାର୍ଯ୍ୟକ୍ରମରେ ବିଧାୟକ ସତ୍ୟଜିତ୍ ଗମାଙ୍ଗ, ପୌରାଧକ୍ଷା ମମତା ଗୌଡ଼, ଉପାଧକ୍ଷ ଶିବ ପ୍ରଶାଦ ଗୌଡ, ଜଗନ୍ନାଥ ମନ୍ଦିର ଉନ୍ନୟନ ପରିଷଦ ସଭାପତି ଡ ସତ୍ୟପ୍ରକାଶ ପଣ୍ଡା, କାର୍ଯ୍ୟକାରୀ ସଭାପତି ଡଃ ସୂର୍ଯ୍ୟନାରାୟଣ ପଣ୍ଡା, ସମ୍ପାଦକ ନିରଞ୍ଜନ ପାଢ଼ୀ, ବରିଷ୍ଠ ସଦସ୍ୟ ତ୍ରିପତି ମହାନ୍ତି, କାଉନସିଲର ଭାଗିରଥୀ ବିଷୋୟୀ, ଡଃ ଚନ୍ଦଧ୍ୱଜ ପଣ୍ଡା, ଟୁକୁନା ରଥ, ଏସ୍. ବାବା ପ୍ରସାଦ, ମିଲି ପାଢ଼ୀ, ଉମା ଦାସ, ଡଃ ପ୍ରଶାନ୍ତ ହୋତା, ରାମ ପଣ୍ଡା, ଫକିର ନାୟକ, ଜିତେନ୍ଦ୍ର ନାୟକ, ସନ୍ତୋସ ପଣ୍ଡା, ରବି ପଣ୍ଡା, ପିଣ୍ଟୁ ପଣ୍ଡା, ଜୁଗୁନୁ ପାଢି, ବାପି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବ୍ରହ୍ମା ଗୁପ୍ତେଶ୍ୱର ରଥଶର୍ମା, ସୁଦାମ ରଥଶର୍ମା, ସଞ୍ଜୀବ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ସମ୍ପାଦନା କରିଥିଲେ।



ଶୋଭାଯାତ୍ରାରେ ସଙ୍କୀର୍ତ୍ତନ ମଣ୍ଡଳୀ ସହ ଶ୍ରଦ୍ଧାଳୁ।

# ପ୍ରକୃତ ଚାଷୀଙ୍କୁ ଅଣଦେଖା ଅଭିଯୋଗ

**ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିରେ ଜିଲାର ୩ ଚାଷୀ**

ରାୟଗଡ଼ା, ୯।୧୧ (ଆଶିଷ ରଞ୍ଜନ ପଣ୍ଡା)

ଧାନ ସଂଗ୍ରହ ସଫଳ କରିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିରେ ରାଜ୍ୟର ୩୦ଜିଲାରୁ କୃଷକ ପ୍ରତିନିଧି ବଛାଯାଇ ଜିଲାପାଳମାନଙ୍କୁ ଚିଠି କରାଯାଇଛି। ଏହି ଚିଠି ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ଚିଠି ନଂ ୭୨୨/୦୨.୧୧.୨୦୨୪ରେ ରାୟଗଡ଼ା ଜିଲାର ୩ ଜଣଙ୍କ ନାମ ସୁପାରିଶ କରାଯାଇଛି। ସେମାନେ ହେଲେ ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣି ସଦସ୍ୟ ସୁମନ୍ତ କୁମାର ମହାରଣା, ରଜତ କୁମାର ମାଦଳା ଓ କୃଷକ ମୋର୍ଚ୍ଚା ଜିଲା ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା। ତେବେ ରାଜ୍ୟ ସରକାର ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିରେ ନିଜ ଆଡୁ ନାମ ସୁପାରିଶ କରି ଚାଷୀଙ୍କୁ ଅଣଦେଖା କରିଥିବା ଚାଷୀ ମହଲରେ ଅଭିଯୋଗ ହୋଇଛି। ଜିଲାର ୧୧ ବ୍ଲକରେ ହଜାର ହଜାର ଚାଷୀ ଥିବା ସତ୍ତ୍ୱେ ସେମାନଙ୍କୁ ନେଇ ବୈଠକ ନ କରି କିଭଳି ଚୟନ କରାଯାଇଛି ବୋଲି ଚାଷୀ ମହଲରେ ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଦାଶରଥୀ ସୋରେନଙ୍କୁ ପଚାରିବାରୁ ଏହି କମିଟିରେ ୩ରୁ ୬ଜଣ ରହିବାର ନିୟମ ରହିଛି। ବର୍ତ୍ତମାନ ଫାଇଲ ଜିଲାପାଳଙ୍କ ନିକଟରେ ରହିଥିବା ସେ କହିଛନ୍ତି।

## ଭାଗବତ କଥା ସପ୍ତାହ, ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ଉଦ୍‌ଯାପିତ

ମୁନିଗୁଡ଼ା, ୯।୧୧ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡ଼ାର ପାଇକସାହିସ୍ଥିତ ଭଲିବଲ ଖେଳ ପଡ଼ିଆରେ ରାଧାଦାମୋଦର ଭାଗବତ ପ୍ରଚାର କମିଟି ପକ୍ଷରୁ ଚାଲିଥିବା ଭାଗବତ କଥା ସପ୍ତାହ ଓ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ରଜତ ମହାରଣା ଓ ଜାମି ମହେଶଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୃନ୍ଦାବନ ରାଧାକୁଣ୍ଡରୁ ପ୍ରବକ୍ତା ମଦନ ଗୋପାଳ ଦାସ ମହାରାଜ ପ୍ରବଚକ ଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ କମିଟି ପକ୍ଷରୁ ପ୍ରବଚକ ମଦନ ଗୋପାଳ ଦାସ ମହାରାଜ, ମୁନିଗୁଡ଼ା ତଥା ଆଖପାଖ ଅଞ୍ଚଳର ଭାଗବତ ତୁଙ୍ଗିପ୍ରମୁଖ ଏବଂ ଭାଗବତପ୍ରେମୀ ପ୍ରଚାରକ, ସହଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ମୁନିଗୁଡ଼ାର ବିଭିନ୍ନ ସାହି, ଆଖପାଖ ଗାଁ ଓ କନ୍ଧମାଳ, କଳାହାଣ୍ଡି ଜିଲାରୁ ଭାଗବତପ୍ରେମୀ ଉପସ୍ଥିତ ଥିଲେ। ପ୍ରତ୍ୟେକ ଦିନ ଭକ୍ତଙ୍କ ପାଇଁ ଅନ୍ନଭୋଗ ଆୟୋଜନ କରାଯାଉଥିଲା। କାର୍ଯ୍ୟକ୍ରମକୁ ରାଧାଦାମୋଦର ଭାଗବତ ପ୍ରଚାର କମିଟିରେ ଅଜିତ ମହାରଣା, ପ୍ରଭାକର ଲାବଲା, ରୁଦ୍ରପ୍ରସାଦ ରତ୍ନାଲୁ, ଭେଙ୍କଟ ରାବଣା, ଜୟଚନ୍ଦ୍ର ରତ୍ନାଲୁ, ଦିଲୀପ ସୁବୁଦ୍ଧି, ବଂଶୀଧର ନନ୍ଦ, କ୍ଷିତୀଶ ସାହୁ ପ୍ରମୁଖଙ୍କ ସମେତ ପାଇକସାହି ବିଜୁ ପଟ୍ଟନାୟକ ଯୁବ ସଂସଦ ସଦସ୍ୟ ଉପସ୍ଥିତ ରହି ପରିଚାଳନା ଓ ସହଯୋଗ କରିଥିଲେ।

# ନାଏବ ସରପଞ୍ଚ, ୱାର୍ଡ ମେମ୍ବରଙ୍କୁ ସରପଞ୍ଚଙ୍କ ଅଣଦେଖା ଅଭିଯୋଗ

**ସିକରପାଇ ପଞ୍ଚାୟତ**

ରାୟଗଡ଼ା, ୯।୧୧ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ସିକରପାଇ ପଞ୍ଚାୟତରେ ନାଏବ ସରପଞ୍ଚ ଏବଂ ୱାର୍ଡ ମେମ୍ବରଙ୍କୁ ସରପଞ୍ଚ ଅଣଦେଖା କରୁଥିବା ଅଭିଯୋଗ କରି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ନୂତନ ସରପଞ୍ଚ ଦୀର୍ଘ ୩ ବର୍ଷ ପାଖାପାଖି ହେଲା ପରେ ବି ପଞ୍ଚାୟତର କିଛି ଉନ୍ନୟନମୂଳକ କାର୍ଯ୍ୟ ନ ହେବା ଏମିତି କି ମାସିକ ବୈଠକରେ ୱାର୍ଡ ମେମ୍ବରମାନଙ୍କର ଆଗୁଆ ଦସ୍ତଖତ ନିଆଯାଉଥିବା ଅଭିଯୋଗ କରିଛନ୍ତି। ପଞ୍ଚାୟତ ପାଇଁ ଆସୁଥିବା ସିଏଫ୍‌ସିଏସଏଫ୍‌ସି ଫଣ୍ଡ ବିଷୟରେ ୱାର୍ଡ ମେମ୍ବରଙ୍କୁ ଅବଗତ କରାଯାଉନାହିଁ। ଗାଁ ରାସ୍ତା ଦେଇ ଭାରିଯାନ ଚଳାଚଳ କରୁଥିବା ବେଳେ ଏହାର ଏନ୍‌ଓସି ପ୍ରାପ୍ତ ହୋଇ ନ ଥିବା କୁହାଯାଇଛି। ଯଥାଶୀଘ୍ର ଏହାର ସମାଧାନ ନ କଲେ ଉପ ଜିଲାପାଳଙ୍କୁ ଭେଟି ଅଭିଯୋଗ ଜଣେଇବୁ। ସମାଧାନ ନ ହେଲେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇବାକୁ ବାଧ୍ୟ ହେବୁ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ।

ଏହି ସମୟରେ ସରପଞ୍ଚ ଚୈତନ୍ୟ ତିଆକା ଆସିବାକୁ ଡକାଯିବା ପରେ ମଧ ତାଙ୍କର କୌଣସି ଜରୁରୀ କାର୍ଯ୍ୟ ରହିଥିବା ହେତୁ ଆସି ପାରିବେ ନାହିଁ ବୋଲି ଜଣାଇଥିଲେ। ଏହି ଦାବିପତ୍ର ଦେବା ସମୟରେ ନାଏବ ସରପଞ୍ଚ ଆର. ପୁଷ୍ପରାଣୀ ନାଏକ, ୱାର୍ଡ ମେମ୍ବର ସାଗନ୍ତି କୌଶଲ୍ୟା, ଅନଲା କଞ୍ଚାକା, କେ ଚେଲାପତି, ନରସିଂହ ସ୍ୱାଇଁ, ମିନାର ରାଓ ମିଣିଆକା, ସେନ୍ତା କୃଷିକା, ସାମଦର ମିଣିଆକା, ଅନସୂୟା ନେମାଲପୁରି, ଲକ୍ଷ୍ମୀ ମିଣିଆକା, ପୂର୍ବତନ ସରପଞ୍ଚ ସାରାବୁ ତିଆକା ଏବଂ ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ସ୍ଥାନୀୟ ସରପଞ୍ଚଙ୍କୁ ଯୋଗାଯୋଗ ହୋଇପାରି ନ ଥିବାରୁ ତାଙ୍କ ମତାମତ ମିଳିପାରିନାହିଁ ।

# ସତ୍ୟନାରାୟଣ ପୂଜାକଲେ ଶତାଧିକ ଦମ୍ପତି

**କୋଟି ଦୀପ ଆରାଧନା କାର୍ଯ୍ୟକ୍ରମ ଦ୍ୱିତୀୟ ଦିବସ**

ଗୁଣପୁର, ୯।୧୧ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବଘୁଆ ଦେଉଳ ପଛପଟ ବସନ୍ତ ଉତ୍ସବ ପଡିଆରେ ଆରମ୍ଭ ହୋଇଥିବା କୋଟି ଦୀପ ଆରାଧନା ଓ ପଞ୍ଚଦିବସୀୟ ଶିବ କେଶବ ପୂଜାର ଦ୍ୱିତୀୟ ଦିନରେ ଶନିବାର ସତ୍ୟନାରାୟଣ ପୂଜା କରାଯାଇଥିଲା। ଶତାଧିକ ଦମ୍ପତି ସତ୍ୟନାରାୟଣ ପୂଜାରେ ସାମିଲ ହୋଇଥିଲେ। ଏହାପରେ ଆୟୋଜିତ ବିଷ୍ଣୁ ପାରାୟଣରେ ମଧ ଶତାଧିକ ମହିଳା ସାମିଲ ହୋଇଥିଲେ। ଭକ୍ତମାନେ ହରିଦ୍ୱାରରୁ ଆସି କାର୍ଯ୍ୟକ୍ରମରେ ଯୋଗଦେଇଥିବା ୪ଜଣ ଅଘୋରି ବାବାଙ୍କ ଆର୍ଶିବାଦ ଗ୍ରହଣ କରୁଥିବା ଦେଖାଦେଇଛି। ସନ୍ଧ୍ୟାରେ ଭେଙ୍କେଟେଶ୍ୱର କଲ୍ୟାଣ ପୂଜା କରାଯାଇଛି। ଏହି ପୂଜା କାର୍ଯ୍ୟକ୍ରମକୁ ଚିନ୍ନାରୀ ସୁଦ୍ଧା, ସୁବୁଦ୍ଧି ଶ୍ୱେତା, ତାଙ୍ଗୁଡୁ ଲକ୍ଷ୍ମୀ, ଉନା. ସର୍ମିଳା, ପି. ପ୍ରୀତି, ପି. ସଙ୍ଗୀତା ପ୍ରମୁଖ ପରିଚାଳନା କରୁଛନ୍ତି। ପ୍ରକାଶ ଯେ, ପ୍ରଥମ ଦିନ ତମାମ ବିଭିନ୍ନ ଆଧାତ୍ମିକ କାର୍ଯ୍ୟକ୍ରମ ସାଙ୍ଗକୁ ବିଶାଖାପାଟଣାରୁ ଆସିଥିବା ଭାରତନାଟ୍ୟମ୍ ଦଳ ସମସ୍ତଙ୍କ ମନ ମୋହିଥିଲା। କାର୍ଯ୍ୟକ୍ରମ ଶେଷ ପର୍ଯ୍ୟାୟରେ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା, ବିଷମକଟକ ବିଧାୟକ ନୀଳମାଧବ ହିକ୍‌କା ଓ ଗୁଣପୁର ବିଧାୟକ ସତ୍ୟଜିତ୍ ଗମାଙ୍ଗଙ୍କ ସହ ସ୍ଥାନୀୟ ପୌର ଉପାଧକ୍ଷ ଶିବ ପ୍ରଶାଦ ଗୌଡ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ବିଶାଖାପାଟଣାର ଭାରତ ନାଟ୍ୟମ୍ ନୃତ୍ୟ ଶିଳ୍ପୀ ଜି. ଅପର୍ଣ୍ଣାଙ୍କୁ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ।




ସତ୍ୟନାରାୟଣ ପୂଜାରେ ଭାଗ ନେଇଥିବା ଦମ୍ପତି।



ଜି. ଅପର୍ଣ୍ଣାଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି।

## ସଂକ୍ଷେପରେ

### ୨ ନାବାଳିକା ନିଖୋଜ

ଜୟପୁର,୯।୧୧(ପବନ ପାଣିଗ୍ରାହୀ)

ଦୁଇ ନାବାଳିକା ନିଖୋଜ ହୋଇଥିବା ଜୟପୁର ଟାଉନ ଥାନାରେ ଅଭିଯୋଗ ହୋଇଛି। ୧୫ ବର୍ଷୀୟା ଜଣେ ନାବାଳିକା ଶନିବାର ଓ ୧୬ ବର୍ଷୀୟା ନାବାଳିକା ନଭେମ୍ବର ୭ରେ ନିଖୋଜ ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜୟପୁର ଟାଉନ ଥାନା ଅଧିକାରୀ ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି।

### ଅବକାରୀ ବିଭାଗର ମିଳିତ ଚଢ଼ାଉ, ୪ ଗିରଫ

ଜୟପୁର,୯।୧୧(ପବନ ପାଣିଗ୍ରାହୀ)

ଜୟପୁର ଅବକାରୀ ନିରୀକ୍ଷକ, ଅବକାରୀ ଥାନା ଓ ସାଟେଲାଇଟ୍ ୟୁନିଟ ପକ୍ଷରୁ ମିଳିତ ଚଢାଉ କରାଯାଇ ୪ ଜଣଙ୍କୁ ଗିରଫ କରାଯାଇଛି। ବାଲିଆ, ବାଙ୍କ ବିଜା ରାସ୍ତା ଓ ପାରାବେଡା ଅରବିନ୍ଦ ନଗରରେ ଚଢ଼ାଉ କରାଯାଇ ମନୋଜ ପରଜା, ତ୍ରିନାଥ ପରଜା, ଲବ ପରଜା ଓ ସୁନାଡି ମାଳଙ୍କୁ ଗିରଫ କରାଯାଇଛି। ଚାଲାଣ ବେଳେ ୫୪ ଲିଟର ଦେଶୀ ମଦ ବିଭାଗ ଜବତ କରିବା ସହ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେହିପରି ଦେଶୀ ମଦ ପ୍ରସ୍ତୁତ ସହ ଲୁଚାଇ ରଖିବା ସହ ବ୍ୟବସାୟୀମାନେ ଫେରାର ହୋଇଯାଇଥିଲେ। ବହୁ ମଦ ଭାଟି ଭାଙ୍ଗିବା ସହ ୯ ଶହ ଲିଟର ପୋଚ ଓ ୧୨୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରାଯାଇଛି। ମଦ ରନ୍ଧା ସରଞ୍ଜାମ ଓ ଡ୍ରମ ଆଦିକୁ ଜବତ କରାଯାଇଛି। ଏଥିରେ ଅବକାରୀ ନିରୀକ୍ଷକ ଶଶୀକାନ୍ତ ଦତ୍ତ, ଅବକାରୀ ଓଆଇସି ବଳରାମ ଦାଶ ଓ ସାଟେଲାଇଟ୍ ୟୁନିଟର ଚନ୍ଦ୍ର ଶେଖର ରେଙ୍ଗୀ ଉପସ୍ଥିତ ଥିଲେ।

### ଅଗ୍ନି ନିରାପତ୍ତା ତାଲିମ କାର୍ଯ୍ୟକ୍ରମ

ଜୟପୁର, ୯।୧୧(ପବନ ପାଣିଗ୍ରାହୀ)

ଜୟପୁର ପ୍ରସାଦ ରାଓ ପେଟା କଲୋନିରେ ବନିତା ଆକ୍ଟିଭିଟି ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ଅଗ୍ନି ନିରାପତ୍ତା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଗ୍ନିକାଣ୍ଡକୁ ଅଟକାଇବା ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଯାଇଥିଲା। ଦମକଳ ବିଭାଗର ଆସିଷ୍ଟାଣ୍ଟ ଅଗ୍ନି ନିର୍ବାପକ ସୁରେଶ କୁମାର ବାରିକ ଏବଂ ସାଥୀ କର୍ମଚାରୀ ପିଲାମାନଙ୍କୁ ଅଗ୍ନିକାଣ୍ଡ ନିୟନ୍ତ୍ରଣ ଅଫିସ ଭିତରେ ସମସ୍ତ ଯନ୍ତ୍ରପାତିର ବ୍ୟବହାର ଏବଂ ଏହାର ଉପକରଣ ଉପରେ ଅବଗତ କରାଇଥିଲେ।

### ଏକମ୍ବାରେ ଅଷ୍ଟପ୍ରହର ନାମଯଜ୍ଞ

ଜୟପୁର,୯।୧୧(ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ୍ ଅନ୍ତର୍ଗତ ଏକମ୍ବା ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଆଖପାଖ ଅଞ୍ଚଳର ଶତାଧିକ ସଂକୀର୍ତ୍ତନ ଦଳ ଅଷ୍ଟ ପ୍ରହରୀରେ ଯୋଗଦେଇଥିଲେ। ଆୟୋଜକ ରାମନାଥ ପାଣିଗ୍ରାହୀ, ବିଧାୟକ ତାରାପ୍ରସାଦ ବାହିନୀପତି, ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ଓ ଭାଜପା ନେତା ଗୌତମ ସାମନ୍ତରାୟ ଅଷ୍ଟପ୍ରହରୀରେ ନାମ ସଂକୀର୍ତ୍ତନ କରିଥିଲେ।

### ସ୍କାଉଟ ଗାଇଡ୍‌ର ସଚେତନତା କାର୍ଯ୍ୟକ୍ରମ

ଜୟପୁର,୯।୧୧(ପବନ ପାଣିଗ୍ରାହୀ)

ସ୍କାଉଟ ଗାଇଡ୍‌ର ୭୫ ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ଜୟପୁର ମଡର୍ଣ୍ଣ ଇଂରାଜୀ ବିଦ୍ୟାଳୟର ସ୍କାଉଟ୍ ଗାଇଡ୍‌ର ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ସେଥିରେ ରଚନା, ବକ୍ତୃତା ଏବଂ ସ୍କାଉଟ୍‌ର କିଛି କାର୍ଯ୍ୟକ୍ରମ ସହ ଜୟପୁର ମୁଖ୍ୟ ରାସ୍ତା ଦେଇ ଗୋଟିଏ ରାଲି ବାହାରିଥିଲା। ସମସ୍ତଙ୍କୁ ସମ୍ମାନ ଦେବା, ସମସ୍ତେ ନିଜ ଦୋକାନ ଆଗରେ ଗୋଟିଏ ଡଷ୍ଟବିନ୍ ରଖିବେ ଏବଂ ସହରକୁ କିପରି ସଫା ରଖିବା ନେଇ ସଚେତନ କରାଯାଇଥିଲା।

# ଭତ୍ତା ଟଙ୍କା ନେବାକୁ ଯାଇ ମୃତ୍ୟୁ ଅଭିଯୋଗ

କୋରାପୁଟ/ନାରାୟଣପାଟଣା,୯।୧୧
(ଅମିତାଭ ବେହେରା/ରାଜକିଶୋର ଜେନା)

କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକ ବାଉଁଶପୁଟ ଗ୍ରାମର କାନ୍ତା ମେଲକା(୮୩)ଙ୍କ ଭତ୍ତା ଟଙ୍କା ଆଣିବାକୁ ଯାଇ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। କାନ୍ତା ତାଙ୍କ ଭଉଣୀ ସାମଇ ମେଲକାଙ୍କ ସହ ୭ କି.ମି.ଦୂର ବନ୍ଧୁଗାଁ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କକୁ ଶୁକ୍ରବାର ଆସିଥିବା ବେଳେ ବୟସାଧିକ ଯୋଗୁ ଗ୍ରାମକୁ ଫେରି ନ ପାରି ସ୍ଥାନୀୟ ଥାନା ନିକଟରେ ଥିବା ଇନ୍ଦିରା ଆଲମା ମନ୍ଦିର ନିକଟରେ ଶୋଇଯାଇଥିଲେ। ରାତିରେ କାନ୍ତାଙ୍କ ଅସୁସ୍ଥତା କାରଣରୁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ତାଙ୍କ ଭଉଣୀ ସମାଇ କହିଛନ୍ତି। ସୂଚନାଯୋଗ୍ୟ, ବୟସ୍କ ହିତାଧିକାରୀଙ୍କ ପାଇଁ ସେମାନଙ୍କ ଭତ୍ତା ଟଙ୍କା ସରକାରୀ କର୍ମଚାରୀମାନେ ହିତାଧିକାରୀଙ୍କ ଘରକୁ ଯାଇ ପ୍ରଦାନ କରିବା ସରକାରଙ୍କ ନିୟମ ରହିଛି। କିନ୍ତୁ ଏହି ବୃଦ୍ଧାମାନଙ୍କ ପାଖରେ କିପରି ଲାଗୁ ହୋଇପାରି ନାହିଁ ସେ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ସ୍ଥାନୀୟ ବନ୍ଧୁଗାଁ ଥାନା ଅଧିକାରୀ



### ତଦନ୍ତ ନିର୍ଦ୍ଦେଶ ଦେଲେ ଉପଜିଲାପାଳ

ପ୍ରସନ୍ନ କୁମାର ମିଶ୍ରଙ୍କୁ ପଚାରିବାରୁ କାନ୍ତାଙ୍କ ମୃତ୍ୟୁ ବୟସାଧିକ ଯୋଗୁ ହୋଇଥିବା କାନ୍ତାଙ୍କ ଭଉଣୀ କହିବା ସହ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାରୁ ମାମଲା ରୁଜୁ ହୋଇ ନାହିଁ ବୋଲି କହିଛନ୍ତି। ଅନ୍ୟପକ୍ଷେ କୋରାପୁଟ ଉପଜିଲାପାଳ ବେଣୁଧର ଶବରଙ୍କୁ ପଚାରିବାରୁ ଏପରି ଘଟଣା ଅତି ଦୁଃଖଦ, ଘଟଣାର ତଦନ୍ତ କରାଯିବା ନେଇ ବନ୍ଧୁଗାଁ ବିଡିଓଙ୍କୁ ନିର୍ଦ୍ଦେଶ ଦେବା ସହ ତଦନ୍ତ ପରେ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଜିଲା ମୁଖ୍ୟ ଚିକିତ୍ସାଳୟର ୨୫ ଡାକ୍ତରଙ୍କୁ ନୋଟିସ

ଜୟପୁର,୯।୧୧(ପବନ ପାଣିଗ୍ରାହୀ)

ଜୟପୁରରେ ଜିଲା ମୁଖ୍ୟ ଚିକିତ୍ସାଳୟର କାର୍ଯ୍ୟରତ ୨୫ ଡାକ୍ତରଙ୍କୁ ନୋଟିସ ଜାରି କରାଯାଇଛି। ନଭେମ୍ବର ୬ରେ ଚିକିତ୍ସାଳୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମୀକ୍ଷା ବୈଠକ ଥିବା ବେଳେ ସେଥିରେ ଅନେକ ଡାକ୍ତର ଯୋଗ ଦେଇ ନ ଥିଲେ। ଏନେଇ ନୂତନ ଭାବେ ଯୋଗ ଦେଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଉଦ୍‌ବେଗ ପ୍ରକାଶ କରିବା ସହ ବୈଠକରେ ଅନୁପସ୍ଥିତ ରହିବାର କାରଣ ନଭେମ୍ବର ୧୩ ତାରିଖ ରାତି ସୁଦ୍ଧା ଉତ୍ତର ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ନୋଟିସରେ ଡାକ୍ତର ନିରଞ୍ଜନ ପାତ୍ର, ସୂର୍ଯ୍ୟ ଶେଖର ମିଶ୍ର, ରବି ସାହୁ, ଶାଶ୍ୱତି ମହାନ୍ତି, ସୌମ୍ୟ ପ୍ରଜ୍ଞା ପଟ୍ଟନାୟକ, ସୋନାଲି ଶୁଭଶ୍ରୀ ସ୍ୱାଇଁ, ଜଗମୋହନ ତିସକୁ, ସବ୍ୟସାଚୀ ମହାପାତ୍ର, ତଥାଗତ ରଥ, ବି. ହରପ୍ରିୟା, ସମୀର ପାଣିଗ୍ରାହୀ, ମିତାରାଣୀ ରଥ, ରତିକାନ୍ତ ଖଟୁଆ, ଶତାବ୍ଦି ମିଶ୍ର, ଦେବଶ୍ରୀ ବାରିକ, ମେଲିନା ମିଶ୍ର, ସୁନୈନା ସେଠି, ଲିନା ରୋଜାଲିନ କୁଜୁର, ଶ୍ରୀଧର ଭଳ, ରାମ ଦାସ ଗୁଡ୍ଡୁ, ଆତ୍ୟାସା ଜେନା, ପ୍ରତି ବନସଲ, ଅଭିଷେଖ ଓଡ୍ଡୁ, ପ୍ରଣିତି କୁମାରି ବେହେରା ଓ ରାକେଶ ରୋଶନ ବେହେରାଙ୍କ ନାମ ରହିଛି।

# ବିଧାନସଭା ସମ୍ମୁଖରେ ଧାରଣାଦେବାକୁ ଚେତାବନୀ



କୋରାପୁଟ,୯।୧୧(ଅମିତାଭ ବେହେରା)

### ପିଅନ ମହାସଂଘର ଜରୁରୀ ବୈଠକ

କୋରାପୁଟ ଅତିଥି ଭବନରେ ପିଅନ ମହାସଂଘର ବିଭିନ୍ନ ଦାବି ନେଇ ଜିଲା ଶାଖାର ଏକ ଜରୁରୀ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲା ଶାଖା ସଭାପତି କିଶୋର ଚନ୍ଦ୍ର ପୂଜାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ସୁବ୍ରତ କୁମାର ରାଉଳ ଯୋଗଦେଇ ମହାସଂଘର ଥିବା ୧୦ ଦଫା ଦାବି ଉପରେ ବିସ୍ତୃତ ଆଲୋଚନା କରିଥିଲେ। ନଭେମ୍ବର ଶେଷ ସୁଦ୍ଧା ଦାବି ଉପରେ କୌଣସି ବିଚାର ନ ହେଲେ ଡିସେମ୍ବରରୁ ସମସ୍ତ ସଦସ୍ୟ ସପରିବାର ସହ ବିଧାନସଭା ସମ୍ମୁଖରେ ଧାରଣା ଦେବେ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି। ବୈଠକରେ ଜିଲାର ବିଭିନ୍ନ ପଞ୍ଚାୟତରୁ ଶତାଧିକ ପିଅନ ଉପସ୍ଥିତ ରହି ସେମାନଙ୍କ ଦାବି ଯଥା ସରକାରୀ ଦିନମଜୁରିଆଙ୍କ ମଜୁରିଠାରୁ ବହୁ ନିମ୍ନରେ ଥିବା, ଫଳରେ ଦିନକୁ ମାତ୍ର ୫୦ ଟଙ୍କା ହିସାବରେ କାର୍ଯ୍ୟ କରୁଥିବା ବେଳେ ପାରିଶ୍ରମିକ ପ୍ରତି ମାସରେ ଦିଆଯାଉନାହିଁ। ଏଣୁ ରାଜ୍ୟରେ ୬୭୯୪ ପଞ୍ଚାୟତରେ କାର୍ଯ୍ୟ କରୁଥିବା ପିଅନମାନଙ୍କୁ ସ୍ଥାୟୀ କର୍ମଚାରୀର ମାନ୍ୟତା ଦେବା, ନିୟମିତ ଦରମା ପ୍ରଦାନ କରିବା, ୨୦୧୪ର ୧୨୫ ନିୟମକୁ ଉଚ୍ଛେଦକରି ୧୯୬୪ ମସିହା ୧୨୩ ନିୟମ ଲାଗୁ କରିବା, ୬୦ ବର୍ଷରେ ଅବସର ନେଉଥିବା ପିଅନଙ୍କୁ ପେନ୍‌ସନ ପ୍ରଦାନ କରାଯିବା ଓ ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ପଦୋନ୍ନତି ଦେବା ଆଦି ୧୦ ଦଫା ଦାବି ଉପରେ ଆଲୋଚନା କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେବା ନେଇ ନିଷ୍ପତ୍ତି ନିଆଯାଇଛି। ବୈଠକରେ କାର୍ଯ୍ୟକାରୀ ସମ୍ପାଦକ ସୁରେଶ ପାଇକ, କୋଷାଧ୍ୟକ୍ଷ ଲୋକନାଥ ଗୌଡ଼, ସଦସ୍ୟ ଦେବ ମାଝି, ହରେକୃଷ୍ଣ ପ୍ରଧାନୀ, ସରୋଜ ବେନିଆ, କର୍ଣ୍ଣ ବିଷୋୟୀ ଓ ନନ୍ଦ ପାଇକ ପ୍ରମୁଖ ଉପସ୍ଥିତ ଥିଲେ।

### ଭଉଣୀ ଘରୁ ଫେରିବାବେଳେ ଦୁର୍ଘଟଣା, ଚାଲିଗଲା ଭାଇ ଜୀବନ

ଡାବୁଗାଁ, ୯।୧୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ଭଉଣୀ ଘରକୁ ଯାଇଥିଲେ। ସେଠାରୁ ଫେରିବା ବେଳେ ବାଟରେ ଦୁର୍ଘଟଣା ଘଟି ଚାଲିଗଲା ଭାଇର ଜୀବନ। ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ମହେନ୍ଦ୍ରୀ ଛକ ନିକଟରେ ଶନିବାର ଏହି ଘଟଣା ଘଟିଛି। ମୃତକ ହେଲେ ତାରାଗାଁ ନିକଟ ଗୁମାଗୁଡ଼ା ଗ୍ରାମର ଲକ୍ଷ୍ମଣ ନାୟକ (୨୨)। ସୂଚନାନୁଯାୟୀ, ଲକ୍ଷ୍ମଣ ଡାବୁଗାଁ ଥାନା ଅଧୀନ କକଡ଼ାଗୁଡ଼ା ଗ୍ରାମରେ ଥିବା ନିଜ ଭଉଣୀ ଘରକୁ ଆସିଥିଲେ। ଶନିବାର ବାଇକ୍ (ଓଡି-୨୪ଜେ-୭୭୪୭) ଯୋଗେ ନିଜ ଗାଁକୁ ଫେରୁଥିବାବେଳେ ଡାବୁଗାଁ-ନବରଙ୍ଗପୁର ରାଜ୍ୟ ରାଜପଥ ୩୯ ଉପରେ ମହେନ୍ଦ୍ରୀ ଛକ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଥିଲା। ସେ ରାସ୍ତା ଉପରେ ମୁହଁ ମାଡି ପଡ଼ିଯାଇଥିଲେ। ଖବରପାଇ ଡାବୁଗାଁ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଲକ୍ଷ୍ମଣଙ୍କୁ ଉଦ୍ଧାରକରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଥାନା ଏଏସ୍‌ଆଇ ଚନ୍ଦ୍ରଶେଖର ହଜାରୀ ମୃତକଙ୍କ ପରିବାର ଲୋକଙ୍କୁ ଖବରଦେବା ସହ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତକରି ଥାନାକୁ ଆଣିଥିଲେ। ମୃତକଙ୍କ ପରିବାର ଲୋକେ ଡାବୁଗାଁରେ ପହଞ୍ଚି ଥିଲେ। ମୃତକଙ୍କ ବଡ଼ଭାଇ ଶଙ୍କର ନାୟକ ଡାବୁଗାଁ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଏଏସ୍‌ଆଇ ଗୋପାଳକୃଷ୍ଣ ହାଲୱା ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନା କେସ୍ ନଂ. ୨୦୮/ ୨୪ରେ ଏକ ମାମଲା ରୁଜୁ କରାଯାଇଥିବା ପୋଲିସ ସୂଚନା ଦେଇଛି।

# ଆଇନ ସଚେତନତା ଶିବିର



ଜୟପୁର, ୯।୧୧(ପବନ ପାଣିଗ୍ରାହୀ)

କୋରାପୁଟ-ଜୟପୁର ଜାତୀୟ ଆଇନ ସେବା ଦିବସ ଅବସରରେ ବାରଣୀପୁଟ ଗ୍ରାମସ୍ଥିତ ସରକାରୀ ଏସ୍‌ଏସ୍‌ଡି ସେକେଣ୍ଡାରି ହାଇସ୍କୁଲରେ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ ତଥା ଅଧ୍ୟକ୍ଷ ପ୍ରଦୀପ କୁମାର ମହନ୍ତଙ୍କ ତତ୍ତ୍ୱାବଧାନରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆଇନ ସେବା ପ୍ରାଧିକରଣ ସଚିବ ତଥା ସ୍ଥାୟୀ ଲୋକ ଅଦାଲତ ବିଚାରପତି ସୁମନ ଜେନା, ଜୟପୁର ସ୍ପେଶିଆଲ୍ ପୋକ୍ସୋ କୋର୍ଟ ଡ. ଜି.ଗାୟତ୍ରୀ ଦେବୀ, ଚିଫ୍ ଡେପୁଟି ଲିଗାଲ ଏଡ୍ ଡିଫେନ୍ସ କାଉନସିଲର ହରୀଶ ଚନ୍ଦ୍ର ମୁଦୁଲି, କେ. ଦିବାକର ରାଓ, ପାନେଲ ଆଇନଜୀବୀ ଗିରିଧର ଖରା, ପି.ସନ୍ୟାସ ରାଓ, ଦିବାକର ଗୌଡ଼, ବିନୟ ବିଶ୍ୱାସ, ରିଟେନର ସୁରେଶ ହୁନ୍ତୁଳୁ, ପାରା ଲିଗାଲ ସ୍ୱେଚ୍ଛାସେବୀ ଏବଂ ସହକାରୀ ପ୍ରଧାନ ଶିକ୍ଷୟିତ୍ରୀ ସଙ୍ଗୀତା ପାତ୍ର, ଗୌର ଚନ୍ଦ୍ର ପ୍ରହରାଜ ଗୁରୁ, ପଦ୍ମାଳୟା ହୋତା, ଅନସୂୟା ପ୍ରଧାନ, ରଞ୍ଜନ କୁମାର ପଣ୍ଡା ଓ ଜୟପୁର ସଦର ଥାନା ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ଏଥିରେ ଛାତ୍ରୀଛାତ୍ର ଏବଂ ଗ୍ରାମବାସୀଙ୍କୁ ଆଇନ ସେବା ଦିବସର ତାତ୍ପର୍ଯ୍ୟ ସହ ଭାରତୀୟ ସମ୍ବିଧାନରେ ପ୍ରଦତ୍ତ ବିଭିନ୍ନ ମୌଳିକ କର୍ତ୍ତବ୍ୟ, ସ୍ୱାଧୀନତା, ସୁରକ୍ଷା ଅଧିକାର ଏବଂ ଆଇନଗତ ସମସ୍ୟା ନେଇ କୁହାଯାଇଥିଲା। ଛାତ୍ରୀଛାତ୍ର, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ପାରା ଲିଗାଲ ସ୍ୱେଚ୍ଛାସେବୀ ଓ ପାନେଲ ଆଇନଜୀବୀଙ୍କୁ ନେଇ ଏକ ବିଶାଳ ରାଲି ବିଭିନ୍ନ ସ୍ଲୋଗାନ ଓ ବାର୍ତ୍ତା ସହ ହାଇସ୍କୁଲରୁ ବାମୁଣିପୁଟ ଗାଁ ପରିକ୍ରମା କରିବା କରିଥିଲେ। ଆଇନ ସେବା ସଂସ୍ଥାର କାର୍ଯ୍ୟକଳାପ ଓ ସଫଳତା ତଥା ଆଇନ ସେବା ସଂସ୍ଥାର ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଏକ ପ୍ରଦର୍ଶନୀ ଷ୍ଟଲ କରାଯାଇ ଲୋକମାନଙ୍କୁ ସଚେତନତା କରାଯାଇଥିଲା।

# ନଭେମ୍ବର ୧୪ ପୂର୍ବରୁ ଖାଲି କରିବାକୁ ନିର୍ଦ୍ଦେଶ:ଏମ୍‌ଜି ରୋଡ୍‌ରୁ ହଟିବ ଜବରଦଖଲ

ଜୟପୁର,୯।୧୧(ପବନ ପାଣିଗ୍ରାହୀ)

ଜୟପୁର ସହରର ଏମ୍‌ଜି ରୋଡରେ ନଭେମ୍ବର ୧୬ରେ ଜବରଦଖଲ ହଟିବା ନେଇ ପୌରପାଳିକା କାର୍ଯ୍ୟାଳୟରେ ନିଷ୍ପତ୍ତି ନିଆଯାଇଛି। ଗଣେଷ ପୂଜା ପର୍ଯ୍ୟନ୍ତ ବ୍ୟବସାୟୀଙ୍କୁ ମହଲତ ଦେବା ପରେ ଦୁର୍ଗାପୂଜାରେ ବ୍ୟବସାୟ କ୍ଷତି ହେବ ବୋଲି ଅନୁରୋଧ କରିବା ପରେ ଜବରଦଖଲ ଉଚ୍ଛେଦକୁ ସ୍ଥଗିତ ରଖାଯାଇଥିଲା। ଏନେଇ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଉପଜିଲାପାଳ ଅକାବରମ୍ ଶସ୍ୟା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ପୌର କର୍ମଚାରୀଙ୍କ ସହ ନିର୍ବାହୀ ଯନ୍ତ୍ରୀ ଉପସ୍ଥିତ ଥିଲେ। ନଭେମ୍ବର ୧୪ ଭିତରେ ପୌରପାଳିକା ପକ୍ଷରୁ ଚିହ୍ନଟ କରଯାଇଥିବା ଚିହ୍ନ ପର୍ଯ୍ୟନ୍ତ ବ୍ୟବସାୟୀମାନେ ଖାଲି କରିବାକୁ ନିର୍ଦ୍ଦେଶ ରହିଛି। ନଚେତ୍ ନଭେମ୍ବର ୧୬ରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯିବ ବୋଲି ନୋଟିସ କରାଯାଇଛି। କେତେକ ବ୍ୟବସାୟୀ ରହିତାଦେଶ ଆଣିଲେ କାର୍ଯ୍ୟପନ୍ଥା ନିର୍ଣ୍ଣୟ କରାଯିବା ସହ ଏନେଇ ଜିଲାପାଳଙ୍କୁ ଅବଗତ କରାଗଲା ପରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

### ଶୁଖିଲାଡାଳ ପଡି ଶିଶୁ ମୃତ

କୁନ୍ଦୁରା, ୯।୧୧(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ବାଣୁଆଗୁଡା ପଞ୍ଚାୟତ ତାରାପୁଟ ଗ୍ରାମରେ ଖେଳୁଥିବା ସମୟରେ ଏକ ଶୁଖିଲାଡାଳ ପଡି ଜଣେ ଶିଶୁଙ୍କ ମୃତ୍ୟୁ ହୋଇଛି। ମୃତ ହେଲେ ଅବିନାଶ ରାଓ(୬)। ଘର ସମ୍ମୁଖରେ ଏକ ଗଛ ମୂଳେ ଅବିନାଶ ଖେଳୁଥିବା ସମୟରେ ଶୁଖିଲା ଡାଳ ତାଙ୍କ ଛାତି ଉପରେ ପଡିଥିଲା। ଅବିନାଶଙ୍କୁ ଅଚେତାବସ୍ଥାରେ ତାଙ୍କ ମା' ସୁନିତା ଏବଂ ପଡୋଶୀ ମିଶି କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ସ୍ଥାନୀୟ କୁନ୍ଦୁରା ଥାନାରେ ଅଭିଯୋଗ କରିବା ପରେ ଥାନା ଏଏସଆଇ ରବୀନ୍ଦ୍ର କୁମାର ରଥ ତାରାପୁଟ ଯାଇ ପଚରା ଉଚୁରା କରିଥିଲେ। ଥାନାରେ ୧୪/୨୪ରେ ଏକ ମାମଲା ରୁଜୁ କରି ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

# ବଦଳିଲେ ସୁନାବେଡ଼ା ଥାନା ଅଧିକାରୀ

ସୁନାବେଡ଼ା,୯।୧୧
(କୃତ୍ତିବାସ ପ୍ରଧାନ)

ସୁନାବେଡ଼ା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ରଙ୍କ ଅନ୍ୟତ୍ର ବଦଳି ପରେ ନୂଆ ଅଧିକାରୀ ସୁଷମା କୁହଁର ନାରାୟଣପାଟଣା ଥାନାରୁ ବଦଳି ହୋଇ ଏଠାରେ ଯୋଗ ଦେଇଛନ୍ତି। ସୁନାବେଡ଼ା ଅଞ୍ଚଳରେ ଚୋରି ଡକାୟତି,ଜୁଆ, ନିଶା ଓ ନମ୍ବର ବିହୀନ ଗାଡ଼ି ଚଳାଚଳ ଆଦି ବିଭିନ୍ନ ଦିଗ ତଥା ଅସାମାଜିକ ଗତିବିଧି ଉପରେ ନଜର ଦିଆଯିବା ସହ ଆଇନ ଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯିବ ବୋଲି ନୂତନ ଥାନା ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବ ଅଧିକାରୀ ପାତ୍ରଙ୍କ କୋରାପୁଟ ଟାଉନ ଥାନାକୁ ବଦଳି ହୋଇଛି।



ସୁଷମା କୁହଁର

# ବ୍ଲକ୍‌ସ୍ତରୀୟ ବିଜ୍ଞାନମେଳା

କୋରାପୁଟ/ନାରାୟଣପାଟଣା,୯।୧୧
(ଅମିତାଭ ବେହେରା/ରାଜକିଶୋର ଜେନା)

କୋରାପୁଟ ଜିଲାର ନାରାୟଣପାଟଣାର ସରକାରୀ ଉଚ୍ଚ ବିଦ୍ୟାଳୟରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଓ ରାଷ୍ଟ୍ରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଆନୁକୂଲ୍ୟରେ ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ନାରାୟଣପାଟଣା ବ୍ଲକ୍ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏଥିରେ ବରିଷ୍ଠ ବିଭାଗରେ ୬୭ ପ୍ରକଳ୍ପ ଓ କନିଷ୍ଠ ବିଭାଗରେ ୩୯ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଚଳିତ ବର୍ଷ ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଭବିଷ୍ୟତ ପାଇଁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଆଦି ୭ ବିଷୟ ଶୀର୍ଷକ ଉପରେ ଆଧାରିତ ହୋଇ ଜିଲାସ୍ତରକୁ ମନୋନୀତ କରାଯାଇଥିଲା। କାର୍ଯ୍ୟକ୍ରମରେ ନାରାୟଣପାଟଣା ବ୍ଲକ୍ ଶିକ୍ଷାଧିକାରୀ ରଘୁନାଥ ପାଙ୍ଗୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ନାଗ, ପୂର୍ବତନ ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ପାଢ଼ୀ, ଶିକ୍ଷକ ସୁରେଶ ସୁରୀ ଓ ସମସ୍ତ ଶିକ୍ଷକ ଉପସ୍ଥିତ ଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ଅତିଥି ସମ୍ମାନିତ କରାଯାଇଥିଲା।



ନାରାପାଟଣାରେ ଆୟୋଜିତ ବିଜ୍ଞାନମେଳାରେ ଜିଲାସ୍ତରକୁ ମନୋନୀତ ୭ ଛାତ୍ରୀଛାତ୍ରଙ୍କୁ ଅତିଥି ସମ୍ମାନିତ କରିଛନ୍ତି।

# କୋରାପୁଟ ଟାଉନ ଥାନାରେ ନୂତନ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

କୋରାପୁଟ,୯।୧୧(ଅମିତାଭ ବେହେରା)

କୋରାପୁଟ ଟାଉନ ଥାନାରେ ନୂତନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। ସହରରେ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ ସହ ଜନସାଧାରଣଙ୍କ ଅଭିଯୋଗର ତ୍ୱରିତ ସମାଧାନ ଉପରେ ସେ ପ୍ରାଥମିକତା ଦେବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, କୋରାପୁଟ ଟାଉନ ଥାନା ଅଧିକାରୀ ପଦ ଖାଲି ପଡିଥିଲା ବେଳେ ସାଇବର ଥାନା ଅଧିକାରୀ ଭବାନୀ ପ୍ରଧାନ ଅତିରିକ୍ତ ଦାୟିତ୍ୱରେ ଥିଲେ, ପାତ୍ର ପୂର୍ବରୁ ସୁନାବେଡା ଥାନା ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ।



ସତ୍ୟାନନ୍ଦ ପାତ୍ର

# ୨୬ ନଂ. ଜାତୀୟ ରାଜପଥ ପାର୍ଶ୍ୱରୁ ଗଛ କଟାକୁ ନେଇ ଗ୍ରାମବାସୀଙ୍କ ବିରୋଧ

କୋରାପୁଟ,୯।୧୧(ଅମିତାଭ ବେହେରା)

କୋରାପୁଟରୁ ସୁନାବେଡା ଯାଇଥିବା ୨୬ ନଂ ଜାତୀୟ ରାଜପଥର ପାର୍ଶ୍ୱରେ ଥିବା ୨ ବିରାଟ ଗଛ କଟାକୁ ନେଇ ସ୍ଥାନୀୟ ଦୁରୁଗୁଡା ଗ୍ରାମବାସୀ ବିରୋଧ କରିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶନିବାର ଦାବି କରିଛନ୍ତି। ସୂଚନା ଅନୁଯାୟୀ ଶୁକ୍ରବାର ୨୬ ନମ୍ବର ଜାତୀୟ ରାଜପଥର ଦୁରୁଗୁଡା ଗ୍ରାମ ନିକଟରେ ଥିବା ୨ ବିରାଟ ଗଛକୁ ପେଟ୍ରୋଲ ପମ୍ପ ମାଲିକ କାଟିବା ଘଟଣାକୁ ନେଇ ଗ୍ରାମବାସୀ ଗଛ ପାଖରେ ଠିଆହୋଇ ବିରୋଧ ପ୍ରଦର୍ଶନ କରିଥିଲେ। ପ୍ରମାଣ ନଷ୍ଟ ପାଇଁ ଗୋଟିଏ ଗଛକୁ କାଟି ଖଣ୍ଡ ଖଣ୍ଡ କରି ଅନ୍ୟତ୍ର ପକାଇ ଦେଇଥିବା ବେଳେ ଗ୍ରାମବାସୀ ସେଠାରେ ରହି ଜଙ୍ଗଲ ବିଭାଗକୁ ଜଣାଇଥିଲେ। ପଦ୍ମପୁର ସରପଞ୍ଚ ଚୈତନ ଜାନି ପହଞ୍ଚି ଜାତୀୟ ରାଜପଥ କଡରେ ଥିବା ଗଛକୁ ଜଙ୍ଗଲ ବିଭାଗର ବିନା ଅନୁମତିରେ କାହିଁକି କଟାଯାଇଛି ବୋଲି ପ୍ରଶ୍ନ କରି ସୋମବାର ଏନେଇ ଜିଲାପାଳଙ୍କୁ ଜଣାଇବେ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ରେଞ୍ଜର ଏସ୍.କେ ପାହାଡ଼ ସିଂଙ୍କୁ ପଚାରିବାରୁ ଏନେଇ ୨୦୨୧ରେ ଏକ ଅନୁମତି ପତ୍ର କରାଯାଇଥିବା ବେଳେ କଣ ପାଇଁ ସେତେବେଳେ ଗଛ କାଟିପାରି ନ ଥିଲେ। ତଥାପି ବର୍ତ୍ତମାନ ଏନେଇ ସ୍ଥାନୀୟ ତହସିଲଦାରଙ୍କୁ ଅନୁମତିପତ୍ର ଦେବା ପାଇଁ କହିଥିବା ପ୍ରକାଶ କରିଛନ୍ତି। ଏ ସମୟରେ ଗ୍ରାମବାସୀ ବଲଭ ମୁଦୁଲି ଓ ଦୀନବନ୍ଧୁ ହନ୍ତାଳଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ।



### ଶିବିରରେ ୩୦ ୟୁନିଟ୍ ରକ୍ତ ସଂଗ୍ରହ

ସେମିଳିଗୁଡ଼ା/ସୁନାବେଡ଼ା,୯।୧୧
(ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

ସେମିଳିଗୁଡ଼ା ଏକ ଘରୋଇ ଶିକ୍ଷାନୁଷ୍ଠାନ ପରିସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଲିଭ ଫର୍ ଅଦର୍ସ ଓ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଏଥିରେ ଉପଦେଷ୍ଟା ଡାକ୍ତର ଚିତ୍ତରଞ୍ଜନ ମିଶ୍ର, ଅନୁଷ୍ଠାନର ଅଧ୍ୟକ୍ଷା ସ୍ନିଗ୍ଧାରାଣୀ ମିଶ୍ର, ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ଦାସ, ପ୍ରିନ୍ସିପାଲ ମାଧବୀଲତା ଦାସ ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ, ସେମିଳିଗୁଡ଼ା ଏଚ୍‌ଡିଏଫ୍‌ସି ଶାଖା ପରିଚାଳକ ମନୋରଞ୍ଜନ ମୁନି, ସନ୍ତୋଷୀ ସାହୁ, ବନମାଳୀ ସାହୁ, ଶର୍ମିଷ୍ଠା ପାତ୍ର ଓ ସୌମ୍ୟରଞ୍ଜନ ସହଯୋଗ କରିଥିଲେ। କୋରାପୁଟର ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ମଧୁସୂଦନ ବଳିୟାରସିଂହ, ଭି.ଗଙ୍ଗାଧର, ସଞ୍ଜୟ, ରବୀନ୍ଦ୍ର ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।

# ଗିରଫ ଡାକ୍ତର, ଫାର୍ମାସିଷ୍ଟ କୋର୍ଟ ଚାଲାଣ

ଜୟପୁର,୯।୧୧(ପବନ ପାଣିଗ୍ରାହୀ)

- ଟଙ୍କା ଲାଞ୍ଚ ନେବା ଅଭିଯୋଗ
- ଡାକ୍ତରଙ୍କ ବାସଭବନରୁ ୨ଲକ୍ଷ ୧୨ ହଜାର ଟଙ୍କା ଜବତ

ଜୟପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୪୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଗିରଫ ହୋଇଥିବା ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ବିଶ୍ୱଜିତ ଭୂୟାଁ ଏବଂ ଫାର୍ମାସିଷ୍ଟ ଉତ୍ତମ ମହାକୁଡଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଡାକ୍ତରଙ୍କ ବୈପାରୀଗୁଡା ସରକାରୀ କାର୍ଯ୍ୟାଳୟ, ଭଡାରେ ରହୁଥିବା ବାସଭବନ ଏବଂ କଟକ ଜିଲା ନିଆଳି ଥାନା ଅଞ୍ଚଳ ପୈତୃକ ଗ୍ରାମରେ ଶୁକ୍ରବାର ଯାଞ୍ଚ କରାଯାଇଥିଲା। ବୈପାରୀଗୁଡା ବାସଭବନରୁ ୨ଲକ୍ଷ ୧୨ ହଜାର ଟଙ୍କା ଜବତ କରାଯାଇଥିବା ଜୟପୁର ଭିଜିଲାନ୍ସ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ୨ ଅଭିଯୁକ୍ତଙ୍କ ବାସଗୃହ, ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ଯାଞ୍ଚ ଏବଂ ଅନ୍ୟାନ୍ୟ କୌଣସି ସଂସ୍ଥାରେ ଅର୍ଥ ବିନିଯୋଗ ନେଇ ମଧ୍ୟ ତଦନ୍ତ ଜାରି ରହିଛି। ଏହିପରି ଅଭିଯୁକ୍ତ ଡାକ୍ତରଙ୍କ ବିରୋଧରେ ଦୁର୍ନିତି ନେଇ ଅଭିଯୋଗ ଥିବା ବେଳେ ବିଭିନ୍ନ ଗଣମାଧ୍ୟମରେ ତାଙ୍କ ବିରୋଧରେ ଖବର ପ୍ରକାଶିତ ହୋଇଥିଲା। ଏହାପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ତାଙ୍କ ଉପରେ କଡା ଦୃଷ୍ଟି ରଖାଯାଇଥିଲା ବୋଲି ଭିଜିଲାନ୍ସ ଏସପି ଦ୍ୱିବେଦୀ ସୂଚନା ଦେଇଛନ୍ତି। ଉଭୟଙ୍କ କୋର୍ଟରେ ହାଜର ପରେ ସେମାନଙ୍କ ଜାମିନ ଆବେଦନ ଖାରଜ କରାଯାଇ ଜେଲ ହାଜତକୁ ପଠାଯାଇଥିବା ନେଇ ସୂଚନା ରହିଛି।

ସୂଚନାଯୋଗ୍ୟ, ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନର୍ସିଂ ଅଧିକାରୀ ପିଙ୍କି ବାଲାଙ୍କ ଅଭିଯୋଗ ଅନୁଯାୟୀ ତାଙ୍କର ଦରମାର ବକେୟା ଟଙ୍କା ପ୍ରଦାନ କରିବା ନେଇ ସ୍ୱାସ୍ଥ୍ୟ ଅଧିକାରୀ ଡା. ଭୂୟାଁ ୪୦ ହଜାର ଟଙ୍କା ଲାଞ୍ଚ ଦେବାକୁ ଦାବି କରିଥିଲେ। ଅଭିଯୁକ୍ତ ଫାର୍ମାସିଷ୍ଟ ଉତ୍ତମ ଓରଫ ମୁନ୍ନାଙ୍କ ଜରିଆରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଲାଞ୍ଚନେଉଥିବା ବେଳେ ଭିଜିଲାନ୍ସ ବିଭାଗ ଚଢଉ ଦଳ ଦ୍ୱାରା ଧରାପଡିଥିଲେ।

